২৯ ସେପ୍ଟେମ୍ବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼୍

ବଦର୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କ ପବିତ୍ର ଜୀବନୀ ଓ ଐତିହାସିକ ଘଟଣାବଳୀର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନୱର ଅ.ବ କହିଲେ; ଗତ ଖୁତ୍‌ବାରେ ବଦର୍ ଯୁଦ୍ଧ ଉପରାନ୍ତେ ଘଟିଥିବା ଘଟଣାବଳୀର ଆଲୋଚନା ଚାଲିଥିଲା । ସେହି ଘଟଣାଚକ୍ର ଦ୍ୱାରା ଯେଉଁସ୍ଥଳେ ଆମମାନଙ୍କୁ ହଜରତ ମୁହମ୍ମଦ ସ.ଅ.ଙ୍କ ପବିତ୍ର ଜୀବନୀର ଘଟଣାବଳୀ ସମ୍ପର୍କରେ ଜ୍ଞାତ ହୋଇଥାଏ ସେହିସ୍ଥଳେ ଯଦି ଆମେ ଅନ୍ୟାନ୍ୟ ଐତିହାସିକ ପୁସ୍ତକର ଅଧ୍ୟୟନ କରିବା ତେବେ ଅନେକ କଥା ଆମ ଗୋଚରାଧୀନ ହୋଇଥାଏ । ଅର୍ଥାତ କେତେକ ତ୍ରୁଟିପୂର୍ଣ୍ଣ ଓ ମିଥ୍ୟା କଥନର ଚିହ୍ନଟ ହୋଇଥାଏ । ଯାହାକି ଇସଲାମ୍‌କୁ ବିକୃତ ରୂପେ ଅନ୍ୟମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଥାଏ । ଆଉ ଇସଲାମର ବିରୋଧୀମାନେ ତାହାକୁ ଆଧାର କରି ଇସଲାମକୁ ବଦନାମ୍ କରୁଛନ୍ତି । ପୁଣି ଚରମପନ୍ଥୀ ମୁସଲମାନମାନେ ନିଜ (ମନ୍ଦ) ଉଦ୍ଦେଶ୍ୟ ପୂରଣ କରିବାର ଲକ୍ଷ ହାସଲ କରୁଛନ୍ତି ।

ଆଜି ମୁଁ ଯେଉଁ ଘଟଣାବଳୀର ଆଲୋଚନା କରିବାକୁ ଯାଉଛି ସେଥିମଧ୍ୟରୁ ପ୍ରଥମ ଘଟଣା ହେଲା ଉମେର ବିନ୍ ୱହାବ୍‌ଙ୍କର ଯେ ଯୁଦ୍ଧ ପରେ ନିଜ ଓ ଅମାନ୍ୟକାରୀଙ୍କ ଅସଫଳତାର ପ୍ରତିଶୋଧ ନେବା ଏବଂ ହଜରତ ମୁହମ୍ମଦ ସ.ଅ.ଙ୍କୁ ହତ୍ୟା କରିବା ପାଇଁ ମକ୍କାରୁ ମଦିନା ଆସିଥିଲା । କିନ୍ତୁ ସେଠାରେ ଅଲ୍ଲାଃତାଲାଙ୍କ ଧାର୍ଯ୍ୟ ବିଧାନରେ ଆଉ କିଛି ଘଟିବା ନିୟତ ରହିଥିଲା ଏବଂ ତାଙ୍କୁ ଇସଲାମ ଧର୍ମ ସ୍ୱୀକାର କରିବାର ସୌଭାଗ୍ୟ ଅର୍ଜନ ହେଲା ।

ଏହି ଘଟଣା ବିସ୍ତାର ଭାବରେ ଏପରି ଉଲ୍ଲେଖ ରହିଛି, ବଦର୍‌ର କଏଦୀମାନଙ୍କ ମଧ୍ୟରେ ୱହାବ୍ ବିନ୍ ଉମେର୍ ମଧ୍ୟ ସାମିଲ ଥିଲା ତାହାର ପିତା ଉମେର୍ ବିନ୍ ୱହାବ୍ କୁରୈଶ୍‌ର ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଥିଲା । ଏକଦା ଉମେର୍ ବିନ୍ ୱହାବ୍ ଓ ସଫୱାନ୍ ବିନ୍ ଉମୈୟା ପବିତ୍ର ଧର୍ମପୀଠ ହତିମ୍ ନିକଟରେ ବସି ବଦର୍ ଯୁଦ୍ଧର ପରାଜୟ ଏବଂ କୁରୈଶ୍‌ର ସରଦାର୍‌ମାନଙ୍କ ନିପାତ ହେବା ପ୍ରସଙ୍ଗରେ କଥା ହେଉଥିଲେ । ଉମେର୍ କହିଲା; ଯଦି ମୋ ଉପରେ ଜଣକର କରଜ ପରିଶୋଧ କରିବାର ବୋଝ ନଥାନ୍ତା ଏବଂ ମୋ ପଛରେ ନିଜ ସ୍ତ୍ରୀପିଲାଙ୍କ ଚିନ୍ତା ଘାରୁ ନଥାନ୍ତା ତେବେ ମୁଁ ନିଶ୍ଚିତ ରୂପେ ହଜରତ ମୁହମ୍ମଦ ସ.ଅ.ଙ୍କୁ ହତ୍ୟା କରି ଦେଇଥାନ୍ତି । ଯେହେତୁ ମଦିନାରେ ପ୍ରବେଶ କରିବାର ମୋ ନିକଟରେ ଯଥୋଚିତ କାରଣ ରହିଛି ଯେ, ମୋ ପୁତ୍ର ବର୍ତ୍ତମାନ ମଦିନାରେ କଏଦ ଅଛି । ଏହା ଶୁଣିବା ମାତ୍ରେ ସଫୱାନ୍ ଉଭୟ ପ୍ରସଙ୍ଗର ଦାୟିତ୍ୱ ଭାର ନିଜେ ବହନ କରିବାର ଉମେର୍‌କୁ ପ୍ରତିଶୃତି ଦେଲା ଏବଂ କହିଲା; ତୁମେ ଯାଅ ମୁହମ୍ମଦଙ୍କୁ ବଧ କରିଆସ । ନଉଜୁବିଲ୍ଲାଃ । ଉମେର୍ ସଫୱାନ୍‌କୁ କହିଲା; ତୁମ ଓ ମୋ ଭିତରେ ଏହି ପ୍ରସଙ୍ଗ ଗୋପନ ରହିବ କାହା ଆଗରେ ଏକଥା ପ୍ରକାଶ କରିବ ନାହିଁ । ଏଥିରେ ସଫୱାନ୍ ତାହାର ପ୍ରତିଶୃତି ଦେଲା । ଉମେର୍ ନିଜ ଖଣ୍ଡାକୁ ତୀକ୍ଷ୍ଣ କଲା ଏବଂ ତାହାର ଧାରରେ ବିଷ ବୋଳି ଦେଲା । ସେଥିଅନ୍ତେ ମକ୍କାରୁ ଯାତ୍ରା ଆରମ୍ଭ କରି ମଦିନାରେ ପହଞ୍ଚିଲା ଏବଂ ମସଜିଦ୍ ନବୀ ନିକଟରେ ନିଜ ଓଟକୁ ବସାଇଲା । ତାହାକୁ ଦେଖି ହଜରତ ଉମର୍ ର.ଅ

କହିଲେ; ଏ ହେଉଛି ଅଲ୍ଲାଃଙ୍କ ଶତ୍ରୁ ! ନିଶ୍ଚିତ ରୂପେ ସେ କୌଣସି ମନ୍ଦ ଉଦ୍ଦେଶ୍ୟରେ ଏଠାକୁ ଆସିଛି । ବସ୍ତୁତଃ ହଜରତ ଉମର୍[ର.ଅ] ହଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହୋଇ ନିବେଦନ କଲେ କି ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଉମେର୍ ବିନ୍ ଓ୍ୱହାବ୍ ମୁକୁଳା ଖଣ୍ଡା ଧରି ଆସିଛି । ହଜୁର[ସ.ଅ] କହିଲେ; ତାହାକୁ ମୋ ନିକଟକୁ ଘେନି ଆଣ । ଅତଏବ ହଜରତ ଉମର୍[ର.ଅ] ତାହାକୁ ହଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ କରାଇଲେ ।

ଉମେର୍ ଆରବର ପ୍ରଥାନୁଯାୟୀ ହଜୁର [ସ.ଅ]ଙ୍କୁ ପ୍ରଣାମ କଲା । ହଜୁର[ସ.ଅ] କହିଲେ; ହେ ଉମେର୍ ! ପ୍ରଭୁ ଆମକୁ ତୁମର ଏହି ପ୍ରଣାମ କରିବାର ମୁର୍ଖ ପ୍ରଥା ଠାରୁ ଅତି ଉତ୍ତମ ଅଭିବାଦନ (ସଲାମ୍) ଜଣାଇବାର ଶୈଳୀ ଶିଖାଇ ଦେଇଛନ୍ତି । ଉମେର୍ ନିଜ ଆଗମନର ଉଦ୍ଦେଶ୍ୟ ଦର୍ଶାଇ କହିଲା ଯେ ମୁଁ ନିଜ ପୁତ୍ର ପ୍ରସଙ୍ଗରେ ଏଠାକୁ ଆସିଛି, ଯାହାକୁ ଆପଣ ବନ୍ଦୀ କରି ରଖିଛନ୍ତି । ପ୍ରତିଉତ୍ତରରେ ହଜରତ ମୁହମ୍ମଦ[ସ.ଅ] କହିଲେ; ତେବେ ସାଥିରେ ଏହି ମୁକୁଳା ଖଣ୍ଡା ଆଣିବାର କାରଣ କ'ଣ ? କିନ୍ତୁ ଉମେର୍ ନିଜର ପୂର୍ବ ଉକ୍ତିର ପୁନରାବୃତ୍ତି କଲା ଯେ, ମୁଁ ନିଜ ପୁତ୍ର ପ୍ରସଙ୍ଗରେ ହିଁ ଏଠାକୁ ଆସିଛି । ଏଥିରେ ହଜୁର[ସ.ଅ] କହିଲେ; ନା ! ବରଂ ତୁମେ ଓ ସଫଓ୍ୱାନ୍ ବିନ୍ ଉମୈୟା ଦିନେ ହତିମ୍ ନିକଟରେ ବସି ବଦର୍ ଯୁଦ୍ଧରେ ନିହତ ହୋଇଥିବା ଲୋକମାନଙ୍କ ପ୍ରସଙ୍ଗରେ କଥା ହେଉଥିଲ । ଏପରି ହଜୁର[ସ.ଅ] ସେମାନଙ୍କ ମଧ୍ୟରେ ହୋଇଥିବା ସମସ୍ତ ବାର୍ତ୍ତାଳାପ ବର୍ଣ୍ଣନା କରିଦେଲେ । ଏହା ଶୁଣି ଉମେର୍ ଆଚମ୍ଭିତ ଓ ସ୍ତବ୍ଧ ହୋଇଗଲା ଏବଂ ସଙ୍ଗେସଙ୍ଗେ ଇସଲାମ ଧର୍ମର ଦୀକ୍ଷା ନେଲା । ସେ କହିଲା; ଯେତେବେଳେ ଆମେ ଦୁହେଁ ଏହି ଯୋଜନା କରୁଥିଲୁ ସେତେବେଳେ ସେଠାରେ ଆମ ଦୁହିଁଙ୍କ ବ୍ୟତୀତ ତୃତୀୟ ବ୍ୟକ୍ତି କେହି ନଥିଲେ । **ସୁତରାଂ ଆପଣ [ସ.ଅ]ଙ୍କୁ ଏସମସ୍ତ କଥା ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି ଅବଗତ କରି ନାହାନ୍ତି ।** ସେଥିଅନ୍ତେ ଉମେର୍ ମକ୍କା ପ୍ରତ୍ୟାବର୍ତ୍ତନ କରି ମକ୍କାବାସୀଙ୍କୁ ଇସଲାମ୍ ପ୍ରତି ଆମନ୍ତ୍ରିତ କରିବାକୁ ଅନୁମତି ମାଗିଲେ । ଯାହାକୁ ହଜୁର[ସ.ଅ] ସ୍ୱୀକୃତି ପ୍ରଦାନ କରିଦେଲେ ।

ଅପରପାର୍ଶ୍ୱରେ ସଫଓ୍ୱାନ୍ ମକ୍କାରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହା କହୁଥିଲା ଯେ, ମୁଁ ଖୁବ୍ ଶୀଘ୍ର ତୁମକୁ ଏକ ସୁସମାଚାର ଶୁଣାଇବି । ଯଦ୍ୱାରା ତୁମେମାନେ ବଦର୍ ଯୁଦ୍ଧରେ ଆମକୁ ଲାଗିଥିବା ଆଘାତକୁ ପାଶୋରି ଯିବ । ମଦିନାରୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିକୁ ସେ ଉମେର୍‌ର ଗତିବିଧି ପ୍ରସଙ୍ଗରେ ପଚାରି ବୁଝୁ ଥିଲା । ଶେଷରେ ଦିନେ ତାହାକୁ ସୂଚନା ମିଳିଲା ଯେ, ଉମେର୍ ତ ମୁସଲମାନ ପାଲଟି ଯାଇଛି । ଯେତେବେଳେ ଉମେର୍ ମକ୍କା ଫେରି ଆସିଲେ, ମକ୍କାରେ ପହଞ୍ଚି ସେ ସିଧା ନିଜ ଘରକୁ ଗଲେ ଏବଂ ନିଜ ପରିବାରବର୍ଗଙ୍କୁ ଇସଲାମ ପ୍ରତି ଡ଼ାକରା ଦେଲେ । ତତ୍‌ପଶ୍ଚାତ ସେ ସଫଓ୍ୱାନ୍ ନିକଟକୁ ଗଲେ ଏବଂ ତାହାକୁ ଇସଲାମର ବାସ୍ତବତା ବୁଝାଇଲେ । କିନ୍ତୁ ସଫଓ୍ୱାନ୍ ତାଙ୍କର କୌଣସି କଥାର ନା ଉତ୍ତର ଦେଲା, ନା ହିଁ ତାଙ୍କ କଥା କର୍ଣ୍ଣପାତ କଲା ।

ବଦର୍ ଯୁଦ୍ଧ ପରେ କିଛି ଲୋକ ମୁସଲମାନ ହୋଇଗଲେ କିନ୍ତୁ ସେମାନେ କପଟବିଶ୍ୱାସୀ ଥିଲେ । ସେମାନଙ୍କ ମଧ୍ୟରେ ଅବଦୁଲ୍ଲାଃ ବିନ୍ ଉବେଈ ବିନ୍ ସୁଲୁଲ୍ ମଧ୍ୟ ସାମିଲ ଥିଲା । ହଜୁର [ସ.ଅ]ଙ୍କର ମଦିନା ଆଗମନ ପୂର୍ବରୁ ସେ ଅଓ୍ୱସ୍ ଓ ଖଜ୍‌ରଜ୍ ଗୋଷ୍ଠୀର ସରଦାର୍ ହେବାକୁ ଯାଉଥିଲା । କିନ୍ତୁ ହଜୁର [ସ.ଅ]ଙ୍କର ମଦିନା ଆଗମନ ଫଳରେ ତାହାର ଏହି ଅଭିଳାଷ ପୂରଣ ହୋଇପାରିଲା ନାହିଁ । ସୁତରାଂ ସେ ଇସଲାମ ବିରୁଦ୍ଧରେ ଗୁପ୍ତ ଷଡ଼ଯନ୍ତ୍ର କରିବା ଆରମ୍ଭ କଲା ।

ବଦର୍ ରଣକ୍ଷେତ୍ରରୁ ପ୍ରତ୍ୟାବର୍ତ୍ତନ କରିବା ପରେ ହଜୁର [ସ.ଅ]ଙ୍କୁ ସୂଚନା ମିଳିଲା ଯେ ବନୁ ସଲିମ୍ ଓ ବନୁ ଗତଫାନ୍ ଗୋଷ୍ଠୀ ମଦିନା ଉପରେ ଆକ୍ରମଣ କରିବାର ପ୍ରସ୍ତୁତି କରୁଛନ୍ତି । ଏହି ସୂଚନା ମିଳିବା ମାତ୍ରେ ହଜୁର[ସ.ଅ] ବନୁ ସଲିମ୍ ଓ ବନୁ ଗତଫାନ୍ ଗୋଷ୍ଠୀ ଅଭିମୁଖେ ଅଗ୍ରସର ହେବାକୁ ନିଷ୍ପତ୍ତି କରିନେଲେ । ଆପଣ[ସ.ଅ] ନିଜର ୩୦୦ଜଣ ଅନୁଗାମୀଙ୍କୁ ସାଥିରେ ଧରି ଉକ୍ତ କବିଲା ଆଡ଼କୁ ଅଗ୍ରସର ହେଲେ । ଯେତେବେଳେ ସେମାନଙ୍କୁ ମୁସଲମାନମାନଙ୍କ ହଠାତ୍ ସମ୍ମୁଖାଗାମୀ ହେବାର ଖବର ମିଳଲା । ସେତେବେଳେ ସେମାନେ ଭୟଭୀତ ହୋଇ ଉଠିଲେ ଏବଂ ଦୌଡ଼ି ଯାଇ ପର୍ବତ ଶିଖରରେ ଲୁଚି ପଡ଼ିଲେ । ହଜୁର[ସ.ଅ] ଓ ସାହାବାମାନେ ସେଠାରେ କିଛିଦିନ ଅଟକି ରହିଲେ । ଇତିମଧ୍ୟରେ ସେମାନଙ୍କ ମଧ୍ୟରୁ କେହି ହେଲେ ମଧ୍ୟ ହଜୁର [ସ.ଅ]ଙ୍କ ମୁକାବିଲା କରିବାର ସତ୍‌ସାହସ ଜୁଟାଇ ପାରିଲେ

ନାହିଁ । ଯେହେତୁ ମୁସଲମାନମାନେ ସେମାନଙ୍କ ସହିତ ଯୁଦ୍ଧ କରିବାକୁ ଆସିଥିଲେ ତେଣୁ ଯୁଦ୍ଧ ନିୟମାନୁଯାୟୀ ସେମାନଙ୍କ ଧନସମ୍ପତ୍ତିକୁ କବ୍‌ଜା କରିବା ବୈଧ ଥିଲା । ଅତଃ ଗୋଟିଏ ବର୍ଣ୍ଣନାନୁଯାୟୀ ଏହି ଯୁଦ୍ଧରେ ହଜୁର ସ.ଅଙ୍କୁ ଯୁଦ୍ଧ ବିଜୟ ସମ୍ପତ୍ତି ଆକାରରେ ପାଞ୍ଚଶତ ଓଟ ପ୍ରାପ୍ତ ହୋଇଥିଲା । ଏହି ଅଭିଯାନ ଅବଧି ମଧ୍ୟରେ ହଜୁରସ.ଅ ମଦିନା ବାହାରେ ପାଖାପାଖି ୧୫ଦିନ ରହିଥିଲେ ।

ହଜୁରସ.ଅ ପ୍ରବାସ କରିବା ପରେ ୨ହିଜରୀର ଶୱାଲ୍ ମାସରେ ଅଲ୍ଲାଃତାଲାଙ୍କ ଆଦେଶାନୁଯାୟୀ ମୁସଲମାନମାନେ ପ୍ରଥମ ଇଦୁଲ୍ ଫିତର୍ ପାଳନ କରିଥିଲେ । ଉଭୟ ଇଦ୍ ପ୍ରସଙ୍ଗରେ ହଜୁରସ.ଅ ନିଜ ଅନୁଚରମାନଙ୍କୁ ଉପଦେଶ ପୂର୍ବକ କହିଲେ, ଏହି ଦିନରେ କୌଣସି ବ୍ୟକ୍ତି ଉପବାସ କରିବ ନାହିଁ । ବରଂ ସଭିଏଁ ଖାଅପିଅ ଓ ଆନନ୍ଦ ଉପଭୋଗ କର । ଉଭୟ ଇଦ୍ ଅବସରରେ ହଜୁରସ.ଅ ମଦିନାର ପୂର୍ବ ଦିଗରେ ଅବସ୍ଥିତ ଇଦ୍‌ସ୍ଥଳୀକୁ ପ୍ରସ୍ଥାନ କରୁଥିଲେ । ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବର.ଅ କୁହନ୍ତି; ଇସଲାମ୍‌ର ଇଦ୍ ନିଜ ଭିତରେ ଏକ ଅଭୂତପୂର୍ବ ବୈଶିଷ୍ଟ ବହନ କରିଥାଏ । ଏତଦ୍ ଦ୍ୱାରା ଇସଲାମ୍‌ର ବାସ୍ତବତା ପ୍ରତୀୟମାନ ହୋଇଥାଏ ଏବଂ ଏହି ଆକଳନ କରିବାର ଅବସର ମିଳିଥାଏ ଯେ, କିପରି ଇସଲାମ୍ ମୁସଲମାନମାନଙ୍କୁ ସେମାନଙ୍କ ପ୍ରତ୍ୟେକ କାର୍ଯ୍ୟରେ ପ୍ରଭୁଙ୍କ ଗୁଣଗାନ କରିବାରେ ଛନ୍ଦି ଦେବାକୁ ଚାହୁଁଛି । ବଦର୍ ଯୁଦ୍ଧ ପରେ ଓ ଓହଦ୍ ଯୁଦ୍ଧ ପୂର୍ବରୁ ଦୁଇଟି ସନ୍ଦେହପୂର୍ଣ୍ଣ ଘଟଣାବଳୀର ଚର୍ଚ୍ଚା ମିଳୁଅଛି । ଯଦି ତାହାର ସଂକ୍ଷିପ୍ତ ସମୀକ୍ଷା ମଧ୍ୟ କରାଯାଏ ତେବେ ସ୍ପଷ୍ଟ ପ୍ରତୀତ ହୋଇଥାଏ ଯେ, ତାହା ଲୋକମାନଙ୍କ କପୋଳକଳ୍ପିତ କାହାଣୀ ।

ପ୍ରଥମ ଘଟଣା ଜଣେ ୟହୁଦୀ ମହିଳା ଶ୍ରୀମତୀ ଅସ୍‌ମା ବିନ୍ତ୍ ମରଓାନ୍‌ର ହତ୍ୟା ଘଟଣା । ଅର୍ଥାତ ଏଥି ସମ୍ବନ୍ଧରେ କୁହାଯାଏ ଯେ, ତାଙ୍କର ହତ୍ୟା କରାଯାଇଥିଲା । ଏହି ଘଟଣାର ବିସ୍ତୃତ ବିବରଣୀ ଏପରି ଉଲ୍ଲେଖ ରହିଛି, ହଜରତ ଉମେର୍ ବିନ୍ ଅଦୀ ଜଣେ ଦୃଷ୍ଟିହୀନ ସାହାବୀ ଥିଲେ । ୨ହିଜରୀର ରମଜାନ୍ ମାସର ଶେଷ ପର୍ଯ୍ୟାୟରେ ହଜୁରସ.ଅ ହଜରତ ଉମେର୍ ବିନ୍ ଅଦୀଙ୍କ ଅସ୍‌ମା ବିନ୍ତ୍ ମରଓାନ୍ ନିକଟକୁ ପ୍ରେରଣ କଲେ । ଏହା ବର୍ଣ୍ଣନା କରାଯାଏ ଯେ, ତାଙ୍କୁ ଏଥିସକାଶେ ପ୍ରେରଣ କରାଯାଇଥିଲା କି ଉକ୍ତ ମହିଳା ଜଣକ ଇସଲାମ୍‌କୁ ଗାଳିଗୁଲଜ କରୁଥିଲେ ଏବଂ ଲୋକମାନଙ୍କୁ ହଜୁର ସ.ଅଙ୍କ ବିରୁଦ୍ଧରେ ଉସୁକାଉ ଥିଲା ତଥା ବିରୁଦ୍ଧାତ୍ମକ କବିତା କହୁଥିଲେ । ହଜରତ ଉମେର୍ ରାତ୍ରିର ଅନ୍ଧାରରେ ତାଙ୍କ ଘରେ ପ୍ରବେଶ କଲେ ଏବଂ ସମ୍ପୃକ୍ତ ମହିଳା ଆଖପାଖରେ ତାହାର ପିଲାମାନେ ଶୋଇଥିଲେ ତଥା ସେ ନିଜର ଏକ ଶିଶୁକୁ ଖିରପାନ କରାଉଥିଲା । ଉମେର୍ ତାଙ୍କ ଛାତି ଉପରେ ଖଣ୍ଡା ରଖିଲେ ଏବଂ ତାହାକୁ ହତ୍ୟା କରିଦେଲେ । ସେଠାରୁ ଫେରି ଆସି ସେ ହଜୁର ସ.ଅଙ୍କ ସହିତ ଫଜର୍ ନମାଜ ପାଠ କଲେ ଏବଂ ଉକ୍ତ ପ୍ରସଙ୍ଗରେ ହଜୁରସ.ଅ ପଚାରିବାରୁ ସେ ଉତ୍ତର ଦେଲେ ମୁଁ ଅସ୍‌ମାର ବଧ କରି ଦେଇଛି ।

ଆଉ ଏକ ବର୍ଣ୍ଣନାନୁଯାୟୀ ଯେତେବେଳେ ହଜରତ ଉମେର୍ ବିନ୍ ଅଦୀ ଅସ୍‌ମାର ବଧ କରି ଦେଲେ ସେତେବେଳେ ହଜୁରସ.ଅ ସାହାବାମାନଙ୍କୁ କହିଲେ; **ଯଦି ତୁମେ ଏପରି ବ୍ୟକ୍ତିକୁ ଦେଖିବାକୁ ଚାହଁ ଯେ ଅଲ୍ଲାଃ ଓ ରସୁଲଙ୍କର ସାହାଯ୍ୟ କରିଛନ୍ତି ତେବେ ହଜରତ ଉମେର୍ ବିନ୍ ଅଦୀଙ୍କୁ ଦେଖିନିଅ ।** ଇସ୍ତିଆବ୍‌ରେ ହଜରତ ଉମେର୍ ବିନ୍ ଅଦୀଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି ଯେ, ସେ ନିଜ ଭଗିନୀଙ୍କର ମଧ୍ୟ ହତ୍ୟା କରି ଦେଇଥିଲେ । କାରଣ ସେ ହଜୁର ସ.ଅଙ୍କୁ ଗାଳିଗୁଲଜ ଓ ଅଭାଷା କହୁଥିଲା ।

ପ୍ରିୟ ହଜୁର ଅନଓ୍ୱରଅ.ବ କହିଲେ; ଇତିହାସ ଓ ଜୀବନୀର କେତେକ ପୁସ୍ତକରେ ଏହି ଘଟଣା ଉଲ୍ଲେଖ ରହିଛି । କିନ୍ତୁ **ସିହାସିତ୍‌ତା** ଓ ହଦିସ୍‌ର କୌଣସି ପୁସ୍ତକରେ ଏହି ବର୍ଣ୍ଣନା ମିଳୁ ନାହିଁ । ବାସ୍ତବ ଘଟଣା ଏହିକି ଯେ, ପରବର୍ତ୍ତୀ କାଳରେ ଲୋକମାନେ ଏପରି ମିଥ୍ୟା ଓ ମନଗଢ଼ା କାହାଣୀମାନ ସ୍ୱରଚିତ ପୁସ୍ତକଗୁଡ଼ିକରେ କେବଳ ସ୍ଥାନ ଦେଲେ ତାହା ନୁହଁ ବରଂ ଅବତାରଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ପରିପ୍ରେକ୍ଷୀରେ (ମୂର୍ଖ) ରଟନା ମଧ୍ୟ କଲେ ।

ଆଜିକାଲିର ମୌଲବୀମାନେ ଏପରି ମନଗଢ଼ା କାହାଣୀମାନ ଉପସ୍ଥାପନ କରି ଏହା ପ୍ରମାଣ କରିବାକୁ ଚେଷ୍ଟା କରୁଛନ୍ତି କି ଯେଉଁ ବ୍ୟକ୍ତି ଅବତାରଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ କରୁଅଛି ତାହାକୁ ହତ୍ୟା କରିଦିଅ । ଯେତେବେଳେ କି ଅବତାରଙ୍କ

ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ସ୍ଥଳେ କୌଣସି ପ୍ରକାର ଦଣ୍ଡ ବିଧାନ ଇସଲାମ୍‌ରେ ପ୍ରଣୟନ (ପାରିତ) ହୋଇ ନାହିଁ ଏବଂ ନା ବାସ୍ତବରେ ଏପରି କୌଣସି ଘଟଣା ଘଟିଥିଲା । ଉଦାହରଣ ସ୍ୱରୂପ ଯଦି ଏହି ହଦିସ୍‌ର ଅନୁସନ୍ଧାନ ମୂଳକ ଅଧ୍ୟୟନ କରାଯାଏ ତେବେ ଜଣାପଡ଼ି ଥାଏ ଯେ, ପ୍ରାମାଣିକ ଦୃଷ୍ଟିରୁ ଉକ୍ତ ହଦିସ୍‌ଟିକୁ ଦୁର୍ବଳ ବରଂ ତାହାକୁ ଅଗ୍ରାହ୍ୟ ବିବେଚିତ କରାଯାଇଛି । ଏହି ହଦିସ୍‌ଟି ମୁହମ୍ମଦ ବିନ୍ ଉମରୋ ଅକ୍‌ଦୀ ବର୍ଣ୍ଣନା କରିଛନ୍ତି ଯେ କି ଜଣେ ମିଥ୍ୟାଚାରୀ ଥିଲେ ଏବଂ ଉକ୍ତ ହଦିସ୍‌କୁ ନେଇ ଅନେକ ପ୍ରଶ୍ନ ମଧ୍ୟ ଉଠିଥାଏ । ଉଦାହରଣ ସ୍ୱରୂପ ବର୍ଣ୍ଣନାକାରୀ ସାହାବୀ ଜଣକ ଦୃଷ୍ଟିହୀନ ହେବାସତ୍ତ୍ୱେ କିପରି ସମ୍ପୃକ୍ତ ମହିଳାଙ୍କ ଘରେ ପ୍ରବେଶ କରିଗଲେ ? ପୁଣି ରାତ୍ରିର କାଳିଅନ୍ଧାରରେ ଉକ୍ତ ମହିଳାଙ୍କ ନିକଟରେ କିପରି ପହଞ୍ଚିଗଲେ ? ଯଦିଓ ଅନ୍ୱେଷଣ କରିନେଲେ ତେବେ କ'ଣ ତାଙ୍କ ପାଖରେ ଶୋଇଥିବା କେହି ଜଣେ ହେଲେ ମଧ୍ୟ ଚେଇଁ ପଡ଼ିଲେ ନାହିଁ । ପୁନଶ୍ଚ ଏକଥା ମଧ୍ୟ ହତ୍ୟାକାରୀ ଜାଣି ପାରିଥିଲେ ଯେ, ଉକ୍ତ ମହିଳା ଜଣକ ସେତେବେଳେ ଶିଶୁଙ୍କୁ ସ୍ତନ୍ୟପାନ କରାଉ ଥିଲେ । ପୁନଃ ଉକ୍ତ ମହିଳା ଜଣକ ନିଜ ମୃତ୍ୟୁକୁ ସମ୍ମୁଖରେ ଦେଖି ଜଣେ ସାମାନ୍ୟ ଅନ୍ଧବ୍ୟକ୍ତି ବିରୋଧରେ କୌଣସି ସଂଘର୍ଷ ମଧ୍ୟ କଲେ ନାହିଁ । ନା ଚିତ୍କାର କଲେ ନା ପ୍ରତିରୋଧ ବା ପ୍ରତିଘାତ କଲେ । ଯେତେବେଳେ କି ମହିଳା ଜଣକର ସ୍ୱାମୀ ସେହିସ୍ଥଳେ ହିଁ ଶୋଇ ଥିଲେ ତାଙ୍କୁ ମଧ୍ୟ କିଛି ଖବର ହେଲା ନାହିଁ । **ଆଉ ସବୁଠାରୁ ବଡ଼ କଥା ଏହିକି ଯେ, ଦୃଷ୍ଟିହୀନ ବ୍ୟକ୍ତିମାନେ ଧ୍ୱନି ତରଙ୍ଗ ଶୁଣି (ଲୋକଙ୍କୁ) ଚିହ୍ନିଥାନ୍ତି ।** ସେତେବେଳେ ରାତ୍ରିର ଅନ୍ଧକାର ଛନ୍ନତାରେ କୌଣସି ଧ୍ୱନି ଉତ୍ପନ୍ନ ନହେବା ସତ୍ତ୍ୱେ ସେ କିପରି ଜାଣିନେଲେ ଯେ ଉକ୍ତ ମହିଳା ଜଣକ ହିଁ ଅସ୍‌ମା ବିନ୍ତ୍ ମର୍‌ଓ୍ୱାନ୍ ଥିଲେ । ଅନ୍ୟ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଉକ୍ତ ମହିଳା ଜଣକ ଯେତେବେଳେ ଖଜୁରୀ ନେବା ପାଇଁ ଗୃହ ଭିତରକୁ ଗଲେ ଏବଂ ଖଜୁରୀ କୋଳି ଉଠାଇବା ପାଇଁ ନଇ ପଡ଼ିଲେ । ସେତେବେଳେ ଉକ୍ତ ଦୃଷ୍ଟିହୀନ ସାହାବୀ ଜଣକ କୁହନ୍ତି, ମୁଁ ନିଜ ଦକ୍ଷିଣ ଓ ବାମ ପାର୍ଶ୍ୱକୁ ଚାହିଁଲି ଏବଂ ଉକ୍ତ ମହିଳାଙ୍କ ମସ୍ତକକୁ ଆଘାତ କରି ତାହାର କାମ ତମାମ କରିଦେଲି ।

ମହାମାନ୍ୟ ହଜୁର ଅନୱ୍‌ରଅ.ବ କହିଲେ; ଏତଦ୍ ବ୍ୟତୀତ ଅଧିକାଂଶ ବର୍ଣ୍ଣନାରେ ଉକ୍ତ ମହିଳାଙ୍କ ନାମ, ହତ୍ୟାକାରୀଙ୍କ ନାମ, ହତ୍ୟାର ସମୟ ଏବଂ ଘଟଣାସ୍ଥଳୀର ରୂପରେଖ ମଧ୍ୟରେ ମତାନ୍ତର ରହିଛି । ଯାହାକି ଉକ୍ତ ଘଟଣାଟି ମିଥ୍ୟା ଓ ମନଗଢ଼ା ହେବା ପ୍ରମାଣ ସିଦ୍ଧ କରୁଛି । ପ୍ରିୟ ହଜୁର ଅନୱ୍‌ରଅ.ବ କହିଲେ; ଚରମପନ୍ଥୀ ମୁଲ୍ଲାମାନେ ଏହି ପ୍ରକାର ମନଗଢ଼ା ଘଟଣାବଳୀକୁ ଗୁରୁତ୍ୱ ଦେଇ ଇସଲାମର ସୌନ୍ଦର୍ଯ୍ୟ ଓ ଉତ୍କର୍ଷମୟ ଶିକ୍ଷାକୁ ବଦ୍‌ନାମ କରୁଛନ୍ତି । ଆଜିକାଲି ଏହି ମୁଲ୍ଲାମାନେ ଏପରି ମନଗଢ଼ା କାହାଣୀ ପ୍ରସ୍ତୁତ କରି ଅହେମଦୀଙ୍କ ବିରୋଧରେ ଆତଙ୍କ ସୃଷ୍ଟି କରୁଛନ୍ତି ଏବଂ ଲୋକମାନଙ୍କୁ ଉତ୍ତେଜିତ କରୁଛନ୍ତି । ପ୍ରିୟ ହଜୁର ଅନୱ୍‌ରଅ.ବ କହିଲେ; ଦ୍ୱିତୀୟ ଘଟଣାଟି ମଧ୍ୟ ଏହି ଘଟଣାର ଅନୁରୂପ ଅଟେ । ତାହାର ବର୍ଣ୍ଣନା ଇନ୍‌ଶାଅଲ୍ଲାଃ ମୁଁ ଆସନ୍ତା ଖୁତ୍‌ବାରେ କରିବି ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ୍ୱା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
29th September 2023